Chapter- 4

# କହିବି କଥାଟି

**QUESTION BANK**

**୧. ଉତ୍ତର କୁହ ।**

କ) ମାଆ ପୁଅକୁ କ'ଣ କହି ସମ୍ବୋଧନ କରିଛନ୍ତି ?

ଖ) ଧୂଳିମାଟିରେ ପିଲା କ'ଣ ସବୁ ଗଢ଼ିଥାଏ ?

ଗ) ସାରଳା ଦାସ କାହିଁକି ବିଖ୍ୟାତ ?

ଘ) ପ୍ରାଚୀନ ଓଡ଼ିଶାର କେତେଜଣ ବୀରଙ୍କ ନାମ କୁହ ?

ଙ) ଓଡ଼ିଶାର ତିନୋଟି ପ୍ରାଚୀନ ମନ୍ଦିରର ନାମ କୁହ ?

**୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।**

କ) ପୁଅକୁ ଲବଣି ପିତୁଳା କହିବାର ଅର୍ଥ କ'ଣ ?

ଖ) ଓଡ଼ିଆମାନେ ବଡ଼ କାରିଗର ଥିଲେ ବୋଲି କିପରି ଜଣାପଡୁଛି ?

ଗ) ପୁଅକୁ ମାଆ ପ୍ରାଚୀନ ଓଡ଼ିଶା ବିଷୟରେ କହିବାର ଉଦ୍ଦେଶ୍ୟ କ'ଣ ?

ଘ) ପୁଅ କିପରି ଓଡ଼ିଆ ବୋଲି ଗର୍ବର ସହିତ ମଥାଟେକି ଚାଲିପାରିବ ?

ଙ) 'ସଞ୍ଜ ଆଳତିରେ ଜଳେ ତ ତାଙ୍କରି ବତୀ' କହିବାର ତାତ୍ପର୍ଯ୍ୟ କ'ଣ ?

**୩. ସରଳ ଭାଷାରେ ବୁଝାଇ ଲେଖ ।**

କ) ପଥର ଉପରେ ଆଙ୍କିଛନ୍ତି ଛବି
ଅପରୂପ ମନୋହର ।

ଖ) କିଏ ସରିହେବ ଗୁଣ ଜ୍ଞାନେ ତାଙ୍କୁ
କିଏ ସରି ହେବ ତେଜେ ।

ଗ) ଓଡ଼ିଆ ବୋଲିତୁ ମନେ ଗର୍ବ ବହି
ଚାଲରେ ଟେକି ତୋ ମଥା ।

**୪. ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖ।**

କୁଳ, କୂଳ, ଗୁଣି, ଗୁଣୀ, ସର୍ଗ, ସ୍ୱର୍ଗ

**୫. ଲିଙ୍ଗ ପରିବର୍ତ୍ତନ କର।**

ଗୋସିବାପ, ପୁରୁଷ, ଦାଦି, ବୀର

୬. 'କରମ' ଶବ୍ଦର ଅନ୍ୟରୂପ ଯେପରି 'କର୍ମ' ସେହିପରି ତଳ ଶବ୍ଦଗୁଡ଼ିକର ଅନ୍ୟରୂପ ଲେଖ।

କୀରତି, ହରଷ, କଉତୁକ, ନିରିମଳ, ସରଗ

**୭. ବାକ୍ୟରେ ବ୍ୟବହାର କର।**

ଭେଲ, ଚେତା, ତେଜ, କୀର୍ତ୍ତି, ମନୋହର

**୮. ୧୫୦ରୁ ୨୦୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ।**

ପ୍ରାଚୀନ ଓଡ଼ିଶାର କେଉଁ କୀର୍ତ୍ତିରାଜିର କଥା ମାଆ ନିଜ ପୁଅକୁ କହିଛନ୍ତି ?

୯. ମାଆ ପୁଅକୁ ଅତୀତ ଉତ୍କଳର ଗୌରବ ଗାଥା କହିବା ମୂଳରେ କେଉଁ ଉଦ୍ଦେଶ୍ୟ ରହିଛି ?

**୧୦. ଉତ୍ତର ପର୍ଯ୍ୟାୟରୁ ସଠିକ୍ ଉତ୍ତରଟି ବାଛି ଲେଖ ।**

(କ) ଉତ୍କଳ ଭାରତୀ ବୋଲି କାହାକୁ କୁହାଯାଏ ?

(i)ବିଦ୍ୟୁତ୍ପ୍ରଭା ଦେବୀ (ii)ରମାଦେବୀ

(iii)କୁନ୍ତଳା କୁମାରୀ (iv)ସରଳା ଦେବୀ

(ଖ) 'କହିବି କଥାଟି' କବିତାରେ କାହାର ଗୌରବ ଗାନ କରାଯାଇଛି ?

(i)ଓଡ଼ିଆ ଜାତିର (ii)ଭାରତ ମାତାର

(iii)ଗୋଟିଏ ପରିବାରର (iv)ଜଣେ କବିଙ୍କର

(ଗ) ନିମ୍ନୋକ୍ତ ମଧ୍ୟରୁ କିଏ 'ବୈଦେହୀଶ ବିଳାସ'ର କବି ?

(i)ଜଗନ୍ନାଥ ଦାସ (ii)ସାରଳା ଦାସ

(iii)ଦୀନକୃଷ୍ଣ ଦାସ (iv)ଉପେନ୍ଦ୍ର ଭଞ୍ଜ

ODM EDUCATIONAL GROUP Changing your Tomorrow

(ଘ) ନିମ୍ନୋକ୍ତ ମଧ୍ୟରୁ ଓଡିଆ ଆଦି କବି ରୂପେ କିଏ ପରିଚିତ ?

(i)ଜଗନ୍ନାଥ ଦାସ (ii)ବଳରାମ ଦାସ

(iii)ସାରଳା ଦାସ (iv)ମଧୁସୂଦନ ଦାସ

(ଙ) 'କୋଣାର୍କ ମଥାରେ ଜଗନ୍ନାଥ ପୁରେ' – ଏଠାରେ 'ଜଗନ୍ନାଥପୁରେ' କାହାକୁ କୁହାଯାଇଛି ?

(i)କୋଣାର୍କ ମନ୍ଦିର (ii)ପୁରୀ ମନ୍ଦିର

(iii)ଭୁବନେଶ୍ୱର ମନ୍ଦିର (iv)ସାକ୍ଷୀଗୋପାଳ ମନ୍ଦିର

(ଚ) ଆମେ କେଉଁଥିପାଇଁ ଗର୍ବରେ ମୁଣ୍ଡଟେକି ଚାଲିପାରିବା ବୋଲି କବି କହିଛନ୍ତି ?

(i)ବୀର ଜାତି ବୋଲି (ii)ଗର୍ବୀ ବୋଲି

(iii)ଧନୀ ବୋଲି (iv)ଓଡିଆ ବୋଲି

(ଛ) ନିମ୍ନୋକ୍ତ ମଧ୍ୟରୁ କେଉଁ ରାଜାଙ୍କର ନାମ 'କହିବି କଥାଟି' କବିତାରେ ଉଲ୍ଲେଖ କରାଯାଇଛି ?

(i)ଅଶୋକ (ii)ଯଯାତିକେଶରୀ (iii)ପୁରଷୋତ୍ତମ ଦେବ (iv)ଖାରବେଳ

(ଜ) ଉତ୍କଳର ମାଆଟିଏ ପୁଅକୁ କ'ଣ କହି ସମ୍ବୋଧନ କରିଛନ୍ତି ?

(i)ଅନ୍ଧର ଲଉଡି (ii)ଦରିଦ୍ର ପସରା

(iii)ଲବଣି ପିତୁଳା (iv)ନିଧନ ସଙ୍ଗାଳି

ODM EDUCATIONAL GROUP Changing your Tomorrow

****